# NATIONAL NEWS BULLETIN (ODIA)
## 5 February-2025
### Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଚାଲିଛି ମତଗ୍ରହଣ

– ୭୦ଟି ଆସନ ଲାଗି ୬୯୯ ଜଣ ପ୍ରାର୍ଥୀ ଲଢୁଛନ୍ତି ନିର୍ବାଚନ

- ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଲୋକସଭାରେ ଗୃହୀତ
- ମୁମ୍ବାଇଠାରେ ଆଜିଠୁ ଆରମ୍ଭ ହେଉଛି ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କମିଟିର ତିନିଦିନିଆ ବୈଠକ
- 'ଜଲ୍ ଲାଏ ଧନଧାନ୍ୟ' ଶୀର୍ଷକ ଜଳସେଚନ ଯାତ୍ରା ଅଭିଯାନର ଆଜି ଶୁଭାରମ୍ଭ କରିବେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ

ଏବଂ

- ନାଗପୁରଠାରେ ଆସନ୍ତାକାଲି ଖେଳାଯିବ ଭାରତ-ଇଂଲଣ୍ଡ ଦିନିକିଆ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍

# ଦିଲ୍ଲୀ ପୋଲ୍

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ମତଗ୍ରହଣ ଆରମ୍ଭ ହୋଇଛି। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହେବ। ୭୦ ଆସନ ବିଶିଷ୍ଟ ବିଧାନସଭା ଲାଗି ୬୯୯ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ୧ କୋଟି ୫୬ ଲକ୍ଷରୁ ଅଧିକ ମତଦାତାଙ୍କ ପାଇଁ ୧୩ ହଜାର ୭୦୦ରୁ ଊର୍ଦ୍ଧ୍ୱ ବୁଥ୍ ପ୍ରତିଷ୍ଠା କରାଯାଇଛି। ସେମାନଙ୍କ ମଧ୍ୟରେ ୮୩ ଲକ୍ଷରୁ ଅଧିକ ପୁରୁଷ ପାଖାପାଖି ୭୨ ଲକ୍ଷ ମହିଳା ଏବଂ ୧ ହଜାର ୨୬୭ ତୃତୀୟଲିଙ୍ଗୀ ଭୋଟର ରହିଛନ୍ତି। ୧୦୦ ବର୍ଷରୁ ଊର୍ଦ୍ଧ୍ୱ ୭୮୩ ଜଣ ଭୋଟର ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। ମତଦାନକୁ ଶାନ୍ତିଶୃଙ୍ଖଳା ଏବଂ ସ୍ୱଚ୍ଛତାର ସହ ସମ୍ପନ୍ନ କରିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ୭୦ଟି ଲେଖାଏଁ ବୁଥ୍ କେବଳ ମହିଳା ଏବଂ ଦିବ୍ୟାଙ୍ଗଙ୍କ ଦ୍ୱାରା ପରିଚାଳନା କରାଯାଉଛି। ୧ ଲକ୍ଷ ୮୦ ହଜାରରୁ ଅଧିକ କର୍ମଚାରୀଙ୍କୁ ମତଗ୍ରହଣ ପାଇଁ ନିୟୋଜିତ କରାଯାଉଛି। ବୁଥ୍‌ଗୁଡ଼ିକରେ ଭୋଟରଙ୍କୁ ସର୍ବନିମ୍ନ ସୁବିଧା ପ୍ରଦାନ କରିବାର ବ୍ୟବସ୍ଥା ମଧ୍ୟ ହୋଇଛି। ଆମ୍ ଆଦ୍‌ମୀ ପାର୍ଟିର ଜାତୀୟ ଆବାହକ ଅରବିନ୍ଦ କେଜରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶି, ମନ୍ତ୍ରୀ ଗୋପାଳ ରାଇ, ବିଜେପିର ବିଜେନ୍ଦର ଗୁପ୍ତା, ପ୍ରବେଶ ବର୍ମା, ରମେଶ ବିଦୁରି ଏବଂ କୈଳାଶ ଗେହଲଟ୍, କଂଗ୍ରେସର ସନ୍ଦୀପ ଦୀକ୍ଷିତ, ହାରୋନ ୟୁସୁଫ ଏବଂ ଅଲ୍‌କା ଲାମ୍ବା ପ୍ରମୁଖ ନିର୍ବାଚନ ଲଢୁଛନ୍ତି।

## ଦିଲ୍ଲୀ ଏଲ୍‌ଜି- ଭୋଟ୍ ଆପିଲ୍

ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସକ୍‌ସେନା ମତଦାନରେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗଦେବାକୁ ଦିଲ୍ଲୀବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଶ୍ରୀ ସକ୍‌ସେନା କହିଛନ୍ତି, ଭୋଟ୍ ଅତ୍ୟନ୍ତ ମୂଲ୍ୟବାନ ଏବଂ ଏହାର ବ୍ୟବହାର କରାଯିବା ଉଚିତ । ମତଦାନ ପ୍ରକ୍ରିୟାରେ ଅଧିକରୁ ଅଧିକ ମତଦାତାଙ୍କର ଅଂଶଗ୍ରହଣ ଗଣତନ୍ତ୍ରକୁ ସୁଦୃଢ଼ କରିବ । ଉନ୍ନତ ଭବିଷ୍ୟତ ଏବଂ ସୁଦୃଢ଼ ଗଣତନ୍ତ୍ର ଲକ୍ଷ୍ୟରେ ମତଦାନ ପ୍ରକ୍ରିୟାରେ ସାମିଲ ହେବାକୁ ଶ୍ରୀ ସକସେନା ଦିଲ୍ଲୀବାସୀଙ୍କୁ କହିଛନ୍ତି ।

## ପିଏମ୍-ମୋସନ୍ ଅଫ୍ ଥ୍ୟାଙ୍କ୍‌ସ

ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଗତକାଲି ଲୋକସଭାରେ ଗୃହୀତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରସ୍ତାବ ଆଲୋଚନାର ଉତ୍ତର ପରେ ମୌଖିକ ଭୋଟ୍‌ରେ  ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଥିଲା । ପ୍ରଧାନମନ୍ତ୍ରୀ କହିଥିଲେ, କେନ୍ଦ୍ର ସରକାର ଗରିବଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହାଦ୍ୱାରା ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ଊର୍ଦ୍ଧ୍ୱକୁ ଉଠିପାରିଛନ୍ତି । ସରକାରଙ୍କ ପ୍ରତିବଦ୍ଧତା, ନିଷ୍ଠା ଏବଂ କଠିନ ପରିଶ୍ରମ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ । ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ଗରିବ

ଲୋକଙ୍କୁ ୪ କୋଟି ଆବାସ ଯୋଗାଇ ଦିଆଯାଇଛି। ସମଗ୍ର ଦେଶରେ ୧୨ କୋଟି ଶୌଚାଳୟ ନିର୍ମାଣ କରାଯାଇଛି। ଏହାଦ୍ୱାରା ସାଧାରଣ ଜନତା ବିଶେଷ କରି ମହିଳାଙ୍କ ଜୀବନଶୈଳୀ ଅଧିକ ସହଜ ହୋଇପାରିଛି। ଜଳଜୀବନ ମିଶନ ଅଧୀନରେ ୧୨ କୋଟିରୁ ଅଧିକ ପାଇପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଜଳବାହିତ ରୋଗର ପ୍ରଭାବକୁ ଯଥେଷ୍ଟ ପରିମାଣରେ ପ୍ରତିହତ କରାଯାଇପାରିଛି। ବିଭିନ୍ନ କ୍ଷେତ୍ର ପାଇଁ ବଜେଟ୍‌ରେ ଯଥେଷ୍ଟ ପରିମାଣର ବ୍ୟୟବରାଦ କରାଯାଇଛି ଏବଂ ଏହା ୧୧ ଲକ୍ଷ ୨୧ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଶାସନରେ ସ୍ୱଚ୍ଛତା ଆଣିବା ସହିତ ସଞ୍ଚୟ କ୍ଷେତ୍ର ମଧ୍ୟ ତ୍ୱରାନ୍ୱିତ ହୋଇଥିବା ପ୍ରଧାନମନ୍ତ୍ରୀ କହିଥିଲେ।  ଆସନ୍ତା ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ ବଜେଟ୍‌ରେ ଆୟକର ରିହାତି ମଧ୍ୟବିତ୍ତଙ୍କ ଆର୍ଥିକ ସ୍ଥିତିକୁ ଅଧିକ ଦୃଢ଼ କରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ସରକାରଙ୍କ ପଦକ୍ଷେପ ଦ୍ୱାରା ଦେଶରେ ନିଯୁକ୍ତି କ୍ଷେତ୍ର ମଧ୍ୟ ତ୍ୱରାନ୍ୱିତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ମହିଳାଙ୍କର ସଶକ୍ତିକରଣ କ୍ଷେତ୍ରରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କହିଥିଲେ। ଦେଶରେ ୩ କୋଟିରୁ ଊର୍ଦ୍ଧ୍ୱ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିଛି ବୋଲି ସେ କହିଥିଲେ। କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ସରକାର ନେଉଥିବା ବିଭିନ୍ନ ପଦକ୍ଷେପ ଉପରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ।

ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଥିଲେ, ଏହା ପ୍ରେରଣାଦାୟକ ଏବଂ ବିକଶିତ ଭାରତ ପ୍ରୟାସକୁ ଅଧିକ ଶକ୍ତି ପ୍ରଦାନ କରିଛି ।

# ପିଏମ୍ ମୋଦୀ- ମହାକୁମ୍ଭ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରପ୍ରଦେଶ ପ୍ରୟାଗରାଜ ମହାକୁମ୍ଭ ମେଳାରେ ଯୋଗଦେବେ । ସଂଗମଠାରେ ଶ୍ରୀ ମୋଦୀ ବୁଡ଼ ପକାଇବାର କାର୍ଯ୍ୟସୂଚୀ ରହିଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଧାନମନ୍ତ୍ରୀଙ୍କ ସହ ସେଠାରେ ଉପସ୍ଥିତ ରହିବେ । ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ତ୍ରିବେଣୀଘାଟଠାରେ ପୂଜାର୍ଚ୍ଚନା କରିବା ସହ ସାଧୁସନ୍ନ୍ୟାସୀଙ୍କୁ ଭେଟିବେ । ସୂଚନାଯୋଗ୍ୟ, ଗତ ମାସ ୧୩ ତାରିଖରୁ ଆରମ୍ଭ ହୋଇଥିବା ମହାକୁମ୍ଭ ମେଳାରେ ଇତିମଧ୍ୟରେ ୩୮ କୋଟିରୁ ଅଧିକ ଶ୍ରଦ୍ଧାଳୁ ତ୍ରିବେଣୀ ସଂଗମଠାରେ ବୁଡ଼ ପକାଇ ସାରିଛନ୍ତି ।

# ଆର୍‌ବିଆଇ- ମନିଟାରୀ ପଲିସି

ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କମିଟିର ତିନିଦିନିଆ ବୈଠକ ଆଜିଠାରୁ ମୁମ୍ବାଇଠାରେ ଆରମ୍ଭ ହୋଇଛି । ଆର୍‌ବିଆଇ ଗଭର୍ଣ୍ଣର ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସଞ୍ଜୟ ମାଲହୋତ୍ରାଙ୍କର ଅଧ୍ୟକ୍ଷତାରେ ଏହି ବୈଠକ ପ୍ରଥମଥର ପାଇଁ ଅନୁଷ୍ଠିତ ହେବ । ଶୁକ୍ରବାର ପର୍ଯ୍ୟନ୍ତ ଚାଲିବାକୁ

ଥିବା ବୈଠକରେ ସୁଧହାର ଉପରେ ନିଷ୍ପତ୍ତି ଗ୍ରହଣ କରାଯିବ। ୨୦୨୩ ଫେବୃଆରୀ ମାସରୁ ରେପୋ ରେଟ୍ ୬ ଦଶମିକ ୫ ପ୍ରତିଶତରେ ଅପରିବର୍ତ୍ତିତ ରହିଛି। ତେବେ ମୁଖ୍ୟ ସୁଧହାରରେ ୨୫ ବେସିସ୍ ପଏଣ୍ଟ ହ୍ରାସ ନେଇ ଏହି ବୈଠକରେ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। ସଂସଦରେ ଉପସ୍ଥାପିତ କେନ୍ଦ୍ର ବଜେଟ୍‌ରେ ଉପଭୋକ୍ତା ଭିତ୍ତିକ ଚାହିଦା ବୃଦ୍ଧି ଉଦ୍ଦେଶ୍ୟରେ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଆଧାରରେ ଏହି ବେସିସ୍ ପଏଣ୍ଟ ହ୍ରାସ ପାଇବାର ସମ୍ଭାବନା ନେଇ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି।

## ଶିବରାଜ- ଓ୍ୱାଟରସେଡ୍ ଯାତ୍ରା

ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଆଜି 'ଜଲ୍ ଲାଏ ଧନଧାନ୍ୟ' ଶୀର୍ଷକ ହାଇବ୍ରିଡ୍ ପଦ୍ଧତିରେ ଜଳସେଚନ ଯାତ୍ରା ଅଭିଯାନର ଶୁଭାରମ୍ଭ କରିବେ। ନୂଆଦିଲ୍ଲୀଠାରେ ଗତକାଲି ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି, ଜଳସେଚନର ବିକାଶ ଏବଂ ଏ ନେଇ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ କରାଯାଉଛି। ଏଥିରେ ୨୬ଟି ରାଜ୍ୟ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳର ୬ ହଜାର ୬୭୩ଟି ଗ୍ରାମ ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରାଯିବ। ଏହି ଅଭିଯାନ ଜରିଆରେ ଜଳ ସଂରକ୍ଷଣ ଏବଂ ମୃତ୍ତିକା ଅବକ୍ଷୟ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଅଧିକରୁ ଅଧିକ ଲୋକଙ୍କୁ ଏଥିରେ ସାମିଲ ହେବାକୁ ମନ୍ତ୍ରୀ ଶ୍ରୀ ଚୌହ୍ୱାନ ଆହ୍ୱାନ

ଦେଇଛନ୍ତି । ଏହି ଅଭିଯାନ ଏକ ଗୋଷ୍ଠୀଭିତ୍ତିକ ଆଭିମୁଖ୍ୟ ହାସଲ କରିବାରେ ସହାୟକ ହେବା ସହିତ କ୍ଷେତ୍ରସ୍ତରରେ କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବ । କୃଷି ଉତ୍ପାଦକତା, ଜୀବିକା ଏବଂ ପରିବେଶରେ ଉନ୍ନତି ଆଣିବା ପାଇଁ ପ୍ରାକୃତିକ ସମ୍ପଦ ସ୍ଥାୟୀ ପରିଚାଳନା ଉପରେ ଏହି ଅଭିଯାନ ଗୁରୁତ୍ୱ ପ୍ରଦାନ କରିବ ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଶାହା—ଜେକେ ମିଟିଂ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଗତକାଲି ଜାମ୍ମୁ-କାଶ୍ମୀର ସୁରକ୍ଷା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ, ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏବଂ ଅନ୍ୟ ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ । ଗତ ମାସରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବାକୁ ସୁରକ୍ଷା ସଂସ୍ଥାଗୁଡ଼ିକୁ ପରାମର୍ଶ ଦେଇଥିଲେ । ଜାମ୍ମୁ-କାଶ୍ମୀରରେ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଆତଙ୍କବାଦୀ ଘଟଣା, ଅନୁପ୍ରବେଶ ଏବଂ ଆତଙ୍କବାଦୀ ସଂଗଠନ ଗୁଡ଼ିକରେ ଯୁବବର୍ଗଙ୍କ ଯୋଗଦାନ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିବାରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ସୁରକ୍ଷା ସଂସ୍ଥାଗୁଡ଼ିକୁ ପ୍ରଶଂସା କରିଥିଲେ ।

# ବିକଶିତ ଗାଁ, ବିକଶିତ ଓଡ଼ିଶା

'ବିକଶିତ ଗାଁ, ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆଠାରେ ଏହାର ଶୁଭାରମ୍ଭ କରିବେ। ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ଏବଂ ବ୍ଲକସ୍ତରୀୟ ପ୍ରତିନିଧି ଆଭାସୀ ମାଧ୍ୟମରେ ସାମିଲ ହେବେ। କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ ଏବଂ ଉନ୍ନତିକରଣ, ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ, ଆଭ୍ୟନ୍ତରୀଣ ଏବଂ ଆନ୍ତଃଗ୍ରାମ ସଡ଼କ ସଂଯୋଗୀକରଣ ତଥା ବହୁମୁଖୀ ଜନକଲ୍ୟାଣକାରୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟାନ୍ୱୟନ ଆଜି ଏହି ଯୋଜନାରେ ସାମିଲ କରାଯାଇଛି।

# ସ୍ୱିଡେନ ଗୁଳିକାଣ୍ଡ

ସ୍ୱିଡେନ୍‌ରେ ଗୁଳିକାଣ୍ଡ ଘଟଣାରେ ଗତକାଲି ୧୦ ଜଣଙ୍କର ମୃତ୍ୟୁ ହୋଇଛି। ରାଜଧାନୀ ଷ୍ଟକ୍‌ହୋମ୍‌ଠାରୁ ପ୍ରାୟ ୨୦୦ କିଲୋମିଟର ପଶ୍ଚିମରେ ଅବସ୍ଥିତ ଓରେବ୍ରୋସ୍ଥିତ ଏକ ଶିକ୍ଷାନୁଷ୍ଠାନରେ ଜଣେ ବନ୍ଧୁକଧାରୀ ଗୁଳିମାଡ଼ କରିଥିଲେ। ପାଲଟା ଜବାବରେ ବନ୍ଧୁକଧାରୀଙ୍କର ମଧ୍ୟ ମୃତ୍ୟୁ ହୋଇଛି। ସ୍ୱିଡେନ୍ ଇତିହାସରେ ଏହା ସବୁଠାରୁ ଭୟଙ୍କର ଗୁଳିକାଣ୍ଡ ଘଟଣା ବୋଲି ପ୍ରଧାନମନ୍ତ୍ରୀ ଉଲ୍‌ଫ କ୍ରିଷ୍ଟିରସନ୍ କହିଛନ୍ତି।

# କ୍ରିକେଟ୍- ବରୁଣ

ଇଂଲଣ୍ଡ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ କ୍ରିକେଟ ସିରିଜ୍ ଲାଗି ବରୁଣ ଚକ୍ରପତିଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। ସିରିଜ୍‌ର ପ୍ରଥମ ମ୍ୟାଚ୍ ଆସନ୍ତାକାଲି ନାଗପୁରର ବିଦର୍ଭ କ୍ରିକେଟ ଆସୋସିଏସନ୍ ଷ୍ଟାଡିୟମ୍‌ଠାରେ ଅପରାହ୍ନ ସାଢ଼େ ଗୋଟାଏରେ ଖେଳାଯିବ। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଦଳ ଇଂଲଣ୍ଡ ବିପକ୍ଷରେ ଦିନିକିଆ ଆନ୍ତର୍ଜାତିକ ସିରିଜ୍ ଖେଳିବ। ନିକଟରେ ଶେଷ ହୋଇଥିବା ୫ଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ ସିରିଜ୍‌କୁ ଭାରତ ୪-୧ରେ ଅକ୍ତିଆର କରିଥିଲା। ବରୁଣ ଚକ୍ରବର୍ତ୍ତୀ ଏହି ସିରିଜ୍‌ରେ ୧୪ଟି ଓ୍ୱିକେଟ୍ ଅକ୍ତିଆର କରି ପ୍ଲେୟାର ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ।

# ଫୁଟବଲ୍ ଆଇଏସ୍‌ଏଲ୍

ଇଣ୍ଡିଆନ୍ ଫୁଟବଲ୍ ଲିଗ୍ ପ୍ରତିଯୋଗିତାରେ ଆଜି ମୋହନ ବାଗନ ସୁପର ଜାଏଣ୍ଟ୍ ଏବଂ ପଞ୍ଜାବ ଏଫ୍‌ସି ମଧ୍ୟରେ ମ୍ୟାଚ୍ ଖେଳାଯିବ। କୋଲକାତା ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଖେଳାଯିବ। ମୋହନ ବାଗନ ସୁପର ଜାଏଣ୍ଟ ଦଳ ୧୯ଟି ମ୍ୟାଚ୍‌ରୁ ୧୩ଟିରେ ବିଜୟ ଏବଂ ୪ଟି ଡ୍ର' ରଖି ୪୩ ପଏଣ୍ଟ ସହ ତାଲିକାରେ ଶୀର୍ଷ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ପଞ୍ଜାବ ଏଫ୍‌ସି ୭ଟି

ବିଜୟ ଏବଂ ୨ଟି ଡ୍ର’ ରଖି ୨୩ ପଏଣ୍ଟ ସହ ତାଲିକାର ନବମ ସ୍ଥାନରେ ସ୍ଥାନିତ ହୋଇଛି।

## ଟେନିସ୍ ମୁମ୍ବାଇ

ମୁମ୍ବାଇ ଓପନ୍ ଟେନିସ ପ୍ରତିଯୋଗିତାରେ ଭାରତର ଅଙ୍କିତା ରାଇନା ଏବଂ ସ୍ଲୋଭେନିଆର ଦାଲିଲା ଜାକୋପୋବିକ୍‌ଙ୍କ ଯୋଡ଼ି ମିଳିତ ମହିଳା ବର୍ଗରେ ଆଜି ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳିବ। ଏହି ଯୋଡ଼ି ଜାପାନର ନାଓ ହିବିନୋ ଏବଂ ଜର୍ଜିଆର ଓକ୍‌ସାନା କାଲାସିଙ୍କୋଭ୍‌ଙ୍କୁ ଭେଟିବ। ଅନ୍ୟମାନଙ୍କ ମଧ୍ୟରେ ପ୍ରାର୍ଥନା ଥୁମ୍ବରେ ଏବଂ ଡଚ୍ ଖେଳାଳି ଆରିୟାନା ହାର୍ଟୋନୋଙ୍କ ଯୋଡ଼ି, ରିୟା ଭାଟିଆ ଏବଂ ଶ୍ରୀଭଲି ରସ୍ମିକା ଭାନିଦିପତିଙ୍କ ଯୋଡ଼ି ସେମାନଙ୍କର ପରବର୍ତ୍ତୀ ମ୍ୟାଚ୍ ଆଜି ଖେଳିବେ।